# ଉମରକୋଟ ସହରରେ ୧୪୪ ଧାରା

ଉମରକୋଟ, ୧୦।୯(ସ୍ୱ.ପ୍ର.)



ଉମରକୋଟ ସହରରେ ୧୪୪ ଧାରା ଜାରିପରେ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି ।

- ଶ୍ମଶାନ ପାଇଁ ଜାଗା ଚିହ୍ନଟକୁ ନେଇ ବିବାଦ ଘଟଣା
- ୨୪ ଘଣ୍ଟା ଧରି ଚାଲିଛି ରାସ୍ତାରୋକୋ
- ପୋତା ଯାଇଥିବା ସ୍ଥାନରୁ ମୃତଦେହ କାଢ଼ି ଅନ୍ୟତ୍ର ସତ୍କାର କରିବାକୁ ହିନ୍ଦୁ ସମ୍ପ୍ରଦାୟର ଦାବି

ନବରଙ୍ଗପୁର ଜିଲା ଉମରକୋଟରେ ଶ୍ମଶାନ ଜମି ସ୍ଥାନ ଚିହ୍ନଟକୁ ନେଇ ହିନ୍ଦୁ ଓ ଅଣହିନ୍ଦୁ ସମ୍ପ୍ରଦାୟଙ୍କ ମଧ୍ୟରେ ଦେଖାଦେଇଥିବା ବିବାଦ ଯୋଗୁ ସହରରେ ଏବେ ୪୮ ଘଣ୍ଟା ପାଇଁ ୧୪୪ ଧାରା ଲାଗୁ କରାଯାଇଛି। ହିନ୍ଦୁ ସମ୍ପ୍ରଦାୟ ପକ୍ଷରୁ ରାସ୍ତାରୋକୋ କରାଯାଇ ଆନ୍ଦୋଳନ ଚାଲିଥିବା ବେଳେ ଏହାକୁ ତୁରନ୍ତ ପ୍ରତ୍ୟାହାର କରି ନେବାକୁ ପୋଲିସ ପକ୍ଷରୁ ସେମାନଙ୍କୁ କୁହାଯାଇଛି। ଖବର ଲେଖାଯିବା ପର୍ଯ୍ୟନ୍ତ ଆନ୍ଦୋଳନକାରୀମାନେ ଧାରଣାରୁ ହଟି ନାହାନ୍ତି। ସେମାନଙ୍କ ଉପରେ ମୃଦୁ ଲାଠିଚାଳନା କରାଯାଇଛି ।

ପ୍ରକାଶ ଯେ, ଶୁକ୍ରବାର ଅଣହିନ୍ଦୁ ସମ୍ପ୍ରଦାୟର ଜଣେ ଯୁବତୀଙ୍କର ମୃତ୍ୟୁ ହୋଇଥିଲା। ସାହି ନିକଟରେ ମୃତଦେହ ପୋତିବାକୁ ପରିବାର ଓ ସମ୍ପର୍କୀୟ ଚାହିଁଥିଲେ ମଧ୍ୟ ହିନ୍ଦୁ ସମ୍ପ୍ରଦାୟ ପକ୍ଷରୁ ଏହାକୁ ବିରୋଧ କରାଯାଇଥିଲା। ଅଣହିନ୍ଦୁ ସମ୍ପ୍ରଦାୟ ଲୋକେ ଉମରକୋଟ–ଛତିଶଗଡ଼ ଟାୟାର ଜାଳି କଫିନ୍ ରଖି ରାସ୍ତା ଅବରୋଧ କରିଥିଲେ। ପ୍ରଶାସନ ପକ୍ଷରୁ ଏକଟାଗୁଡ଼ାରେ ମୃତଦେହ ପୋତିବା ପାଇଁ ଜାଗା ଦିଆଯାଇଥିଲା। ପ୍ରଶାସନିକ ଅଧିକାରୀଙ୍କ ସହାୟତାରେ ପରିବାର ଲୋକେ ରାସ୍ତାକଡ଼ରେ ସନ୍ଧ୍ୟାରେ ମୃତଦେହ ସତ୍କାର କରିଥିଲେ। ଏହାକୁ ଏକଟାଗୁଡ଼ା ଗ୍ରାମବାସୀ ଓ ହିନ୍ଦୁ ସମ୍ପ୍ରଦାୟ ବିରୋଧ କରି ଶୁକ୍ରବାର ରାତିରୁ ରାସ୍ତାରୋକୋ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡିମୋଟର ଅଟକି ରହିଥିଲା। ଘଟଣାର ସମାଧାନ ପାଇଁ ନବରଙ୍ଗପୁର ଅତିରିକ୍ତ ଜିଲାପାଳ ଭାସ୍କର ରଇତ ଉମରକୋଟରେ ପହଞ୍ଚିଥିଲେ। ଉମରକୋଟ ତହସିଲ କାର୍ଯ୍ୟାଳୟରେ ପୂର୍ବାହ୍ନ ୧୧ଟାରୁ ୩ଟା ଯାଏ ବୈଠକ କରାଯାଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ତହସିଲଦାର ଏନ୍. ଜଗଜ୍ଜୀବନ ଚୌଧୁରୀ, ଭାଜପା ନେତା ରମେଶ ଚନ୍ଦ୍ର ସାହୁ, ରାଜ୍ୟ ଭାଜପା ସଂଖ୍ୟାଲଘୁ ମୋର୍ଚ୍ଚା ଉପସଭାପତି କାଜାମ ମଦାନୀ, ପୋଲିସ ଉପଖଣ୍ଡ ଅଧିକାରୀ ଶୁଭେନ୍ଦୁ ଶବର, ଉମରକୋଟ ଥାନାଧିକାରୀ ଦୀପକ କୁମାର ଜେନା, ହିନ୍ଦୁ ଓ ଅଣହିନ୍ଦୁ ସମ୍ପ୍ରଦାୟ ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ଥିଲେ। ପୋତାଯାଇଥିବା ସ୍ଥାନରୁ ମୃତଦେହ କାଢ଼ି ଅନ୍ୟତ୍ର ସତ୍କାର କରିବାକୁ ହିନ୍ଦୁ ସମ୍ପ୍ରଦାୟ ପ୍ରତିନିଧି ବୈଠକରେ ଦାବି କରିଥିଲେ। ଅଣହିନ୍ଦୁ ସମ୍ପ୍ରଦାୟଙ୍କର ୪ରୁ ୫ ଟି ଶ୍ମଶାନ ଅଛି। ତେଣୁ ଏକଟାଗୁଡ଼ାରେ ଆଉ ଏକ ଶ୍ମଶାନ ପାଇଁ ଅନୁମତି ଦେବେ ନାହିଁ ବୋଲି ହିନ୍ଦୁ ସମ୍ପ୍ରଦାୟ ପକ୍ଷରୁ ବୈଠକରେ କୁହାଯାଇଛି। ମୃତଦେହ ପୋତାଯାଇଥିବା ସ୍ଥାନରେ ସ୍କୁଲ, ପିଇବା ପାଇଁ ପାଣି ପାଇପ ଯାଇଥିବାବେଳେ ଉକ୍ତ ସ୍ଥାନରେ ସତ୍କାର ପାଇଁ ପ୍ରଶାସନ କିପରି ଅନୁମତି ଦେଲା ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ସ୍ଥାୟୀ ଶ୍ମଶାନ ଜମି ନ ମିଳିବା ପର୍ଯ୍ୟନ୍ତ ମୃତଦେହ ବାହାର କରାଯିବ ନାହିଁ ବୋଲି ଅଣହିନ୍ଦୁ ସମ୍ପ୍ରଦାୟ ପ୍ରତିନିଧିମାନେ କହିଛନ୍ତି। ପ୍ରଶାସନ ନୂତନ ଜମି ଚିହ୍ନଟ ପାଇଁ ୧୫ ଦିନ ସମୟ ମାଗିଥିଲେ ମଧ୍ୟ କୌଣସି ଗୋଷ୍ଠୀ ଶୁଣି ନ ଥିଲେ। ବୈଠକରେ କୌଣସି ନିଷ୍କର୍ଷ ବାହାରି ନ ଥିଲା। ବିଧାୟକ, ଅତିରିକ୍ତ ଜିଲାପାଳ ଘଟଣାସ୍ଥଳକୁ ଯାଇ ଲୋକଙ୍କୁ ରାସ୍ତା ଅବରୋଧରୁ ଓହରିବା ପାଇଁ ଅନୁରୋଧ କରିଥିଲେ ମଧ୍ୟ ଆନ୍ଦୋଳନକାରୀମାନେ ଜିଦ୍‌ରେ ଅଟଳ ଥିଲେ। ଏଏସ୍‌ପି ଜୟକୃଷ୍ଣ ବେହେରା, ନବରଙ୍ଗପୁର ଥାନାଧିକାରୀ ନରେଶ କୁମାର, ଡାବୁଗାଁ ଥାନାଧିକାରୀ ପ୍ରମୋଦ କୁମାର ନାୟକ, ଝରିଗାଁ ଥାନାଧିକାରୀ ତପନ କୁମାର ପତି, ଉମରକୋଟ ଅତିରିକ୍ତ ଥାନାଧିକାରୀ ନଟବର ନନ୍ଦ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ୩ ପ୍ଲାଟୁନ ଫୋର୍ସ ମୁତୟନ ଅଛନ୍ତି।

## ସଂକ୍ଷେପରେ

### ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ

ଚନ୍ଦାହାଣ୍ଡି, ୧୦।୯(ଡି.ଏନ୍.ଏ.)- ଚନ୍ଦାହାଣ୍ଡି ଜେଏମ୍‌ଏଫ୍‌ସି କୋର୍ଟରେ କାର୍ଯ୍ୟରତ ସିଏସ୍‌ଆଇ ରେଣୁ ପ୍ରସାଦ ପ୍ରଧାନଙ୍କୁ ଶୁକ୍ରବାର ଚନ୍ଦାହାଣ୍ଡି ଓକିଲ ସଂଘ ଏବଂ କୋର୍ଟ କର୍ମଚାରୀ ବିଦାୟକାଳୀନ ସମ୍ବର୍ଦ୍ଧନା ଦେଇଛନ୍ତି। ଏହି ଅବସରରେ ଚନ୍ଦାହାଣ୍ଡି କୋର୍ଟ ପରିସରରେ ଆଇନଜୀବୀ ମହମ୍ମଦ ହୁସେନଙ୍କ ଆବାହନରେ ଏକ ବିଦାୟକାଳୀନ ସଭାର ଆୟୋଜନ କରାଯାଇଥିଲା। ଜେଏମ୍‌ଏଫ୍‌ସି ହିମାଂଶୁ ଶେଖର ଆଚାର୍ଯ୍ୟ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ଓକିଲ ସରୋଜ ଅଗସ୍ତି, କ୍ଷେମରାଜ ବାଘ, ଜୟଦେବ ଖମାରି, ଦୁମେଶ୍ୱର ହଂସ, ଭୀଷ୍ମ ସୁନା, ହୀରାଧର ମାଳି ପ୍ରମୁଖ ଯୋଗଦେଇ ସିଏସ୍‌ଆଇ ପ୍ରଧାନଙ୍କ ସମୟାନୁବର୍ତ୍ତିତା ଉପରେ ଆଲୋଚନାକରି ଉପଢୌକନ ପ୍ରଦାନ କରିଥିଲେ। ନୂତନ ସିଏସ୍‌ଆଇଭାବେ ଯୋଗ ଦେଇଥିବା କୁବେର ଦିଗାଲଙ୍କୁ ସ୍ୱାଗତ କରାଯାଇଛି। ଏହି ବିଦାୟକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କେଦାରଗୌରୀ ପାଣ୍ଡିଆ, କେଶରୀ ପ୍ରସାଦ ମନହାରା, ରବୀନ୍ଦ୍ର ସାହୁ, ସୀମାଞ୍ଚଳ ଗଣ୍ଡା, ବଂଶୀଧର ନାୟକ, କ୍ଷୀରସିନ୍ଧୁ ସାହୁ, ରାମେଶ୍ୱର ଗୌଡ଼, ବୃନ୍ଦାବନ ଜାନି, ଭରତ ଦାସ, ଟଙ୍କ ବାଘ,କାର୍ତ୍ତିକ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଅଭିଭାବକ, ଶିକ୍ଷକ ସମ୍ମିଳନୀ



ଉମରକୋଟ, ୧୦।୯(ସ୍ୱ.ପ୍ର.)-ଉମରକୋଟ ବ୍ଲକ୍‌ସ୍ଥିତ ବକୋଦା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଶନିବାର ଅଭିଭାବକ, ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷକ ନରେଶ୍ ଚନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପରିଚାଳନା ସଭାପତି ଘାସିଆ ଭତ୍ରା ଓ ଅନ୍ୟ ସଭ୍ୟାସଭ୍ୟ ଯୋଗଦେଇଥିଲେ। ଡିଇଓ ପ୍ରଦୀପ କୁମାର ନାଗ, ଏବିଡିଓ ରେଶମଲାଲ ନାୟକ, ବିଇଓ ବିକାଶ ଚନ୍ଦ୍ର ସରକାର ପ୍ରମୁଖ ଭର୍ଚୁଆଲରେ ଯୋଗଦେଇଥିଲେ। ଡିଇଓ ସମ୍ମିଳନୀର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅଭିଭାବକଙ୍କୁ ସୂଚନା ଦେଇଥିଲେ। ବିଦ୍ୟାଳୟ ରୂପାନ୍ତରୀକରଣରେ ଛାତ୍ରୀଛାତ୍ର ପାଉଥିବା ଲାଭ ସମ୍ପର୍କରେ ସେ ବୁଝାଇଥିଲେ। ଶିକ୍ଷକ ସଚ୍ଚିଦାନନ୍ଦ ମହାପାତ୍ର ଓ ନିଖିଲ ଚନ୍ଦ୍ର ବିଶ୍ୱାସ ସ୍ୱାଗତ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଅଭିଭାବକମାନେ ସ୍ମାର୍ଟ ଶ୍ରେଣୀଗୃହ, ଇ-ପାଠାଗାର, ବିଜ୍ଞାନାଗାର, କମ୍ପ୍ୟୁଟର ଲାବ୍ ଆଦି ବୁଲି ଦେଖିଥିଲେ।

### ରାଧାକୃଷ୍ଣ ମନ୍ଦିରରେ ଭାଗବତ ପାଠ ପୂର୍ଣ୍ଣାହୁତି



ଦୁର୍ଗୀ,୧୦।୯(ଡି.ଏନ୍.ଏ.)- ଭାଗବତ ଜନ୍ମ ଉପଲକ୍ଷେ ଶନିବାର ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଦୁର୍ଗୀ ସ୍ଥିତ ରାଧାକୃଷ୍ଣ ମନ୍ଦିରରେ ଶ୍ରୀମଦ୍ ଭାଗବତ ପାଠରେ ପୂର୍ଣ୍ଣାହୁତି କରାଯାଇଛି। ଏଥିରେ ଦୁର୍ଗୀ ବ୍ରାହ୍ମଣ ସମାଜ ଲୋକେ ନିଜର ନିଜର ନାମକୁ ସୂଚିତ କରି ସମୟ ଅନୁସାରେ ଭାଗବତ ପାଠ କରିଥିଲେ। ମୁଖ୍ୟ ବ୍ରାହ୍ମଣ ଅଜିତ ପାଣିଗ୍ରାହୀ ଭାଗବତ ପାଠ କରିଥିବାବେଳେ ଶିବ ଷଡ଼ଙ୍ଗୀ ପୌରହିତ୍ୟ କରିଥିଲେ। ପ୍ରତ୍ୟେକ ଦିନ ସମସ୍ତଙ୍କୁ ଭୋଜନ ପ୍ରଦାନ କରାଯାଉଥିଲା। ଶନିବାର ଅପରାହ୍ନରେ ପୂର୍ଣ୍ଣାହୁତି କରାଯାଇଥିଲା। କାର୍ଯ୍ୟକ୍ରମରେ ଟି.ଭି. ଲକ୍ଷ୍ମୀ ନାରାୟଣ ପାତ୍ର ଓ ବିଜୟ ପାଢ଼ୀ ସହଯୋଗ କରିଥିଲେ।

# ସରିଲା ଚୟନ, କଟକ ଯିବ ନବରଙ୍ଗପୁର କ୍ରିକେଟ ଦଳ

ନବରଙ୍ଗପୁର, ୧୦।୯(ବି.ପ୍ର.)



ନବରଙ୍ଗପୁର କ୍ରିକେଟ ଟିମ୍ ସହ ଅନ୍ୟମାନେ।

କଟକରେ ଅନୁଷ୍ଠିତ ହେବାକୁଥିବା ୧୬ବର୍ଷରୁ କମ୍ କ୍ରିକେଟ ଟୁର୍ନାମେଣ୍ଟ ନିମନ୍ତେ ସ୍ଥାନୀୟ ନବରଙ୍ଗପୁର ସାଇନ୍ସ ବ୍ଲକ ପଡ଼ିଆରେ ୨ଦିନିଆ ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଚୟନ କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲାର ସମସ୍ତ ବ୍ଲକରୁ ୬୦ଜଣ ଖେଳାଳି ଭାଗନେଇଥିଲେ। ଜିଲା କ୍ରିକେଟ ସଂଘ ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ ଏକ ୧୫ ଜଣିଆ ଦଳ ଘୋଷଣା କରିଛନ୍ତି। ସେମାନେ ହେଲେ ରାଇଘରର ଆଦିତ୍ୟ ତିୱାରି, ରାକେଶ କେଉଟ, ଉମରକୋଟର ଜିତ କାସମକାର, ଈଶାନ୍ତ ବୈରାଗୀ, ଡାବୁଗାଁର ଦୌଡ଼ ମଙ୍ଗରୀ, ଗୋପବନ୍ଧୁ ସାମନ୍ତ, ନବରଙ୍ଗପୁରର ବିଜୟ ଭତ୍ରା, ରୁଦ୍ର ପୃଥ୍ୱୀରାଜ ପୂଜାରୀ, ରହନ କୁମାର ସୁନା, ମାମୁନାଲଲ ଭୂଷଣ, ଝରିଗାଁର ବାବୁଲା ପନକା, ହେମନ୍ତ ହରିଜନ, ସମୀର କୁମାର ହିଆଲ, ଚିତ୍ତରଞ୍ଜନ ମାଝି ଏବଂ ଭବାନୀ ଶଙ୍କର ବଞ୍ଜାରା। ଖେଳାଳିଙ୍କ ନାମ ଘୋଷଣା ବେଳେ ସହ ସମ୍ପାଦକ ଏମ୍.ବାଲା କୃଷ୍ଣରାଓ, ଉପ ସଭାପତି ଶୁଭେନ୍ଦୁ ନାଥ ବେହେରା, ମିଡିଆ ସଂଯୋଜକ ମନୋଜ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ କ୍ରିକେଟର ଅଶୋକ ନାୟକ,ଏମ୍‌ଡି ଜାଫର, ସବୀର ବେଗ, ଲମ୍ବୋଦର ସୌରା ଚୟନ କରିଥିବାବେଳେ ସାଇ କୁମାର, ଅମିତ ଦାସ, ଦିଲୀପ ବିଷୋୟୀ, ସମେଶ ନାୟକ, ବିଶ୍ୱଜିତ ପଟ୍ଟନାୟକ ଏବଂ ସମ୍ପିତ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ସୁବ୍ରତ ଗଣ୍ଡ କୋଚ୍ ଏବଂ ମ୍ୟାନେଜର ଭାବେ ଶଶାଙ୍କଶେଖର ବେହେରାଙ୍କୁ ଦାୟିତ୍ୱ ଦିଆଯାଇଛି। ସେପ୍ଟେମ୍ବର ୧୫ରେ ଏହି ଟିମ୍ କଟକ ଯାତ୍ରା କରିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

# ୫-ଟି ରେ ରୂପାନ୍ତରିତ ହେବ ଗୋରଖପୁର ଆବାସିକ ବିଦ୍ୟାଳୟ

ଟିକିରି,୧୦।୯(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକର ସର୍ବ ପୁରାତନ ଗୋରଖପୁର ଆବାସିକ ଉଚ୍ଚ ବିଦ୍ୟାଳୟ ୫-ଟି ରେ ରୂପାନ୍ତରିତ ହେବ। କାଶୀପୁର ବ୍ଲକ ଅନ୍ତର୍ଗତ ୮ ହାଇସ୍କୁଲ ୫-ଟିରେ ରୂପାନ୍ତରିତ ହୋଇଥିବାବେଳେ ଏବେ ଗୋରଖପୁର ସ୍କୁଲ ଏହି ଯୋଜନା ଅନ୍ତର୍ଭୁକ୍ତ ହୋଇଛି। ଏ ବିଷୟରେ ଶନିବାର ବିଦ୍ୟାଳୟ କମିଟି, ଅଭିଭାବକ ଏବଂ ଶିକ୍ଷକଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରକାଶଯୋଗ୍ୟ, ଏହି ବିଦ୍ୟାଳୟ ୬୦ ବର୍ଷରୁ ଉର୍ଦ୍ଧ୍ୱ ପୁରୁଣା। ଏଠାରେ ପଢ଼ିଥିବା ଅନେକ ଛାତ୍ର ଏବେ ଉଚ୍ଚ ପଦବୀରେ କାର୍ଯ୍ୟରତ। ତେଣୁ ବିଦ୍ୟାଳୟ ରୂପାନ୍ତର ହେଉଥିବା ଖବର ପାଇ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ବୈଠକରେ ଏସ୍‌ଏମ୍‌ସି ସଙ୍ଗୀତ ପାଲକା ତଥା ପରିଚାଳନାରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲୀପ ବେହେରା ୫-ଟି ରେ ହେବାକୁ ଥିବା କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋରଖପୁର ସିଆର୍‌ସିସି, ଶିକ୍ଷକ ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀ, ଶତ୍ରୁ ମଣ୍ଡାଙ୍ଗି, ଶମ୍ଭୁନାଥ ସିଂ, ବିଶ୍ୱନାଥ ପ୍ରଧାନ, ଭାପାଳ ମହନନ୍ଦ, ଜୟନ୍ତ ମାଝି, ଜଗଦୀଶ ରାଓ, ମେଟ୍ରୋନ ନନ୍ଦିନୀ ଦଣ୍ଡସେନା ଏବଂ ଅଭିଭାବକ ଉପସ୍ଥିତ ଥିଲେ।

# ରାୟଗଡ଼ାରେ ଜାତୀୟ ଆଦିବାସୀ କମିଶନ ସଦସ୍ୟ



ଚାଷୀ ଏକତା ପରିଷଦର ସଭାପତି ପ୍ରତାପ ପୁଆଲା ଜାତୀୟ ଆଦିବାସୀ କମିଶନ ସଦସ୍ୟଙ୍କ ସହ ଆଲୋଚନା କରୁଛନ୍ତି ।

ରାୟଗଡ଼ା ଅଫିସ,୧୦।୯

### ଡିଏଫ୍‌ଓଙ୍କ ବିରୋଧରେ ଅଭିଯୋଗ

ଜାତୀୟ ଆଦିବାସୀ କମିଶନ ସଦସ୍ୟ ଅନନ୍ତ ନାୟକ ଅବିଭକ୍ତ କୋରାପୁଟ ଜିଲା ଗସ୍ତରେ ଆସିଥିବାବେଳେ ରାୟଗଡ଼ା ସର୍କିଟ ହାଉସ ଠାରେ ସେ ରାୟଗଡ଼ା ଜିଲାର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଏହି ସମୟରେ ରାୟଗଡ଼ା ଚାଷୀ ଏକତା ପରିଷଦର ଜିଲା ସଭାପତି ପ୍ରତାପ ପୁଆଲା ଓ ପରିଷଦ ସଦସ୍ୟମାନେ ଉପସ୍ଥିତ ରହି ରାୟଗଡ଼ା ଡିଏଫ୍‌ଓଙ୍କ ବିରୋଧରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗତ ୭ ତାରିଖ ଦିନ ଚାଷୀ ଏକତା ପରିଷଦର ସଦସ୍ୟମାନେ ଏକ ଦାବିପତ୍ର ପ୍ରଦାନ ନିମନ୍ତେ ବନ ବିଭାଗ କାର୍ଯ୍ୟାଳୟକୁ ଯାଇଥିଲେ। ଏହି ସମୟରେ ଡିଏଫ୍‌ଓ ପରିଷଦର ସଦସ୍ୟମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ନେଇ ଜାତୀୟ ଆଦିବାସୀ କମିଶନ ସଦସ୍ୟଙ୍କୁ ପ୍ରଦାନ କରିଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଜିଲା ସାଧାରଣ ସମ୍ପାଦକ ଶଙ୍କର ନାଇଡୁ, ସାଙ୍ଗଠନିକ ସମ୍ପାଦକ ପ୍ରିତମ କୁମାର, ସମ୍ପାଦକ କଟେଶ ଗାଣ୍ଡା, ରମେଶ ପୁଆଲାଙ୍କ ସମେତ ସଦସ୍ୟମାନେ ଉପସ୍ଥିତ ଥିଲେ।

# ବର୍ଷାରାତିରେ ରାସ୍ତାରେ ପ୍ରସବ କଲେ ମହିଳା

ପଦ୍ମପୁର,୧୦।୯(ଡି.ଏନ୍.ଏ.)



- ଗାଁକୁ ଯାଇଥିବା କାଦୁଅ ରାସ୍ତାରେ ଫସିଲା ଆମ୍ବୁଲାନ୍ସ
- ୩ କିମି ବୋହି ନେଲେ ଗ୍ରାମବାସୀ, ଓ ୧୦୨ ଚାଳକ

ଗାଁକୁ ପକ୍କାରାସ୍ତା ନ ଥିବାରୁ ରାୟଗଡ଼ା ଜିଲାରେ ଶନିବାର ପୁଣି ଜଣେ ଗର୍ଭବତୀ ସମସ୍ୟା ଭୋଗିଛନ୍ତି। ଆମ୍ବୁଲାନ୍ସ ଠିକ୍ ସମୟରେ ଗାଁକୁ ଯାଇ ନ ପାରିବାରୁ ଜଣେ ଗର୍ଭବତୀ ବର୍ଷାରାତିରେ ରାସ୍ତାରେ ପ୍ରସବ କରିଛନ୍ତି। ପଦ୍ମପୁର ବ୍ଲକ ଗୁଲୁଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ରାଡିଗୁଡ଼ା ଗ୍ରାମରେ ଏଭଳି ଅଭାବନୀୟ ଘଟଣା ଘଟିଛି। ଗାଁର ଦୁଃଖୀ ପାଜେକାଙ୍କ କ୍ଷେତ୍ରରେ ଏଭଳି ଘଟିଛି।

ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ଦୁଃଖୀଙ୍କ ଗର୍ଭ ଯନ୍ତ୍ରଣା ହେବାରୁ ୧୦୨ ଆମ୍ବୁଲାନ୍ସକୁ ଯୋଗାଯୋଗ କରାଯାଇଥିଲା। ଆମ୍ବୁଲାନ୍ସ ପଦ୍ମପୁରରୁ ଆସିଥିଲେ ମଧ୍ୟ ଲଗାଣ ବର୍ଷାରେ ରାଡିଗୁଡ଼ା ଗ୍ରାମକୁ ଯାଇଥିବା ମାଟି କାଦୁଅ ପାଦଚଲା ରାସ୍ତାରେ ଆମ୍ବୁଲାନ୍ସ ଫସିଯାଇଥିଲା। ଆମ୍ବୁଲାନ୍ସ ଚାଳକ ପିଙ୍କୁ ପ୍ରଧାନ ବହୁ କଷ୍ଟରେ ଗାଁକୁ ଯାଇ ଦୁଃଖୀଙ୍କୁ ଆଶାକର୍ମୀ ସାବିତ୍ରୀ ପାଜାକା ଏବଂ ଗ୍ରାମବାସୀଙ୍କ ସହଯୋଗରେ କାଦୁଅ ରାସ୍ତାରେ ବୋହି ନେଇଥିଲେ। ତେବେ ରାସ୍ତାରେ ଦୁଃଖୀ ଏକ ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ। ଏହାପରେ ଉଭୟ ମା' ଏବଂ ଶିଶୁକୁ ୩ କି.ମି. ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେଇଥିଲେ। ଆମ୍ବୁଲାନ୍ସ ଚକା ମାଟିରେ ଫସିଥିବାରୁ ତାକୁ ବହୁ କଷ୍ଟରେ ବାହାର କରି୩୫ କିମି ଦୂର ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଡାକ୍ତର ଅମରେଶ ଜେନା ଓ ସେବିକା ଖିଲି ଶବର ତାଙ୍କର ଚିକିତ୍ସା କରିଥିଲେ। ଏବେ ଉଭୟ ମା' ଏବଂ ଶିଶୁ ସୁସ୍ଥ ବର୍ତ୍ତମାନ ଦୁହେଁ ସୁସ୍ଥ ଥିବା ଜଣାପଡ଼ିଛି। ଦୀର୍ଘ ଦୁଇବର୍ଷ ହେଲା ରାସ୍ତା ନିର୍ମାଣ ପାଇଁ କେବଳ ମାଟି ପକାଇ ଛାଡ଼ି ଦେଇଥିବାରୁ ସାମାନ୍ୟ ବର୍ଷା ହେଲେ କାଦୁଅ ରାସ୍ତାରେ ଚାଲିଯିବା ମଧ୍ୟ କଷ୍ଟକର ହୋଇପଡୁଛି ବୋଲି ଗ୍ରାମର ପାରୁନୁ ଶବର,ସାବିତ୍ରୀ ପାଜେକା ପ୍ରମୁଖ କହିଛନ୍ତି।

### ଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା

ଗୁଣପୁର,୧୦।୯(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ବାଗଶଳା ପଞ୍ଚାୟତ ଭାରସିଂ ସ୍ଥିତ ଅନୁସୂଚିତ ଜାତି ଏବଂ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ନୃସିଂହ ନାଥ ଶତପଥୀଙ୍କୁ ଅବସକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସ୍କୁଲର ପ୍ରଧାନ ଶିକ୍ଷକ ରମେଶ ଦାସଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ଜିଲା ମଙ୍ଗଳ ଅଧିକାରୀ ଅଶୋକ କୁମାର ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ରୂପେ ଜିଲା ଶିକ୍ଷା ନିରୀକ୍ଷକ ଶ୍ୟାମଘନ ଭୂୟାଁ ଯୋଗ ଦେଇଥିଲେ। ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଏ. ଶ୍ରୀନିବାସ ଆଚାରୀ ବକ୍ତାଭାବେ ଉପସ୍ଥିତ ଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ମୋଟର ଚାଳକ ସଂଘ ବୈଠକ



ପାପଡାହାଣ୍ଡି,୧୦।୯(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡିର ଶହୀଦ ମିନାରରେ ଶନିବାର ମୋଟର ଚାଳକ ସଂଘର ଏକ ଜିଲା ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପାପଡ଼ାହାଣ୍ଡି ଶାଖା ସଭାପତି ଗୁରୁ ପ୍ରସାଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଜିଲାର ୧୦ ଶାଖା ସଦସ୍ୟ ଯୋଗ ଦେଇଥିଲେ। ବୈଠକରେ ଚାଳକଙ୍କ ଭବିଷ୍ୟତ, ସୁରକ୍ଷା ଓ ସରକାରୀ ସୁବିଧା କିପରି ମିଳିବ ସେ ନେଇ ଆଲୋଚନା ହୋଇଥିଲା। ଚାଳକଙ୍କ ଅବଦାନ ଦେଶରେ ଶ୍ରେଷ୍ଠ କିନ୍ତୁ ସେମାନଙ୍କୁ ସରକାର ଅଣଦେଖା କରି ଆସୁଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ଏକତା ବଜାୟ ରଖିବାକୁ ଆହ୍ୱାନ କରାଯାଇଛି। ସେପ୍ଟେମ୍ବର ୧୭ ଚାଳକ ଦିବସ ଓ ଜାନୁଆରୀ ମାସରେ ଜିଲା କମିଟି ଗଠନ ନେଇ ଆଲୋଚନା ହୋଇଥିଲା। ବୈଠକରେ ପାପଡାହାଣ୍ଡି ଚାଳକ ସଂଘ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

### ଆଦିବାସୀ ଚାଷୀ ପୁଅ ହେଲେ ଇଂଲିଶ ଅଧ୍ୟାପକ

ଚନ୍ଦ୍ରପୁର,୧୦।୯(ଡି.ଏନ୍.ଏ.)

ରାୟଗଡ଼ା ଜିଲାର ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକ ହନୁମନ୍ତପୁର ପଞ୍ଚାୟତ ଅଧୀନ ମକାନଗୁଡ଼ି ଗ୍ରାମର ଆଦିବାସୀ ଚାଷୀଙ୍କ ପୁଅ ହାମନ କୁମାର ଦିବାକା ଇଂଲିଶ ଅଧ୍ୟାପକ ଭାବେ ନିଯୁକ୍ତି ପାଇ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଅଗଷ୍ଟ ୩୦ରେ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ, ୫-ଟିସଚିବ ଭି.କେ. ପାଣ୍ଡିଆନ ଏବଂ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଉପସ୍ଥିତିରେ ହାମନକୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା।



ସେପ୍ଟେମ୍ବର ୨ରେ ପଡ଼ୋଶୀ କନ୍ଧମାଳ ଜିଲା ବାଲିଗୁଡ଼ାସ୍ଥିତ ଅ।ଦି ବା।ସ 1 ମହାବିଦ୍ୟାଳୟରେ ସେ ଇଂଲିଶ ଅଧ୍ୟାପକ ଭାବେ ଯୋଗ ଦେଇଛନ୍ତି। ନିଜ ସଫଳତାର ଶ୍ରେୟ ସେ ମା' ବିମ୍ଭି ଏବଂ ବାପା ସିଲିଙ୍ଗାଙ୍କୁ ଦେଇଛନ୍ତି। ଅନୁସୂଚିତ ଜନଜାତି ବର୍ଗର ଯୁବକଙ୍କ ଏହି ସଫଳତା ପାଇଁ ଅଞ୍ଚଳର ବୁଦ୍ଧିଜୀବୀ ବିଜୟ ପ୍ରସାଦ ଉଲ୍ଲାକା, ଚନ୍ଦ୍ରପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ବର୍ତ୍ତମାନର ସରପଞ୍ଚ ଭୀମ ଗଗେରେଙ୍ଗା ପ୍ରମୁଖ ଶୁଭକାମନା ଜଣାଇଛନ୍ତି।

# ଦୁର୍ଘଟଣାରେ ଓଏଭିର ୭ ଛାତ୍ରୀଛାତ୍ରଙ୍କ ସମେତ ୮ ଆହତ

ମୁନିଗୁଡ଼ା(ଡି.ଏନ୍.ଏ.)/ ରାୟଗଡ଼ା ଅଫିସ,୧୦।୯

### ଅଟୋରିକ୍ସା-ଟ୍ରକ୍ ଦୁର୍ଘଟଣାଗ୍ରସ୍ତ

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ ଅମ୍ବାଦଳା ଥାନା ହାଟ ଦହିଖାଲ ନିକଟରେ ଶନିବାର ସ୍କୁଲ ପିଲାଙ୍କୁ ନେଇ ଯାଉଥିବା ଏକ ଅଟୋରିକ୍ସା ଏବଂ ଟ୍ରକ୍ ମଧ୍ୟରେ ଦୁର୍ଘଟଣା ଘଟି ୭ ଛାତ୍ରୀଛାତ୍ରଙ୍କ ସମେତ ୮ ଜଣ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଜଣେ ଛାତ୍ରୀ ଗୁରୁତର ଅଛନ୍ତି। ଗୁରୁତର ଛାତ୍ରୀ ହେଲେ ମୋମୋ କରକରିଆ।

ଘଟଣାରୁ ପ୍ରକାଶ, ମୁନିଗୁଡ଼ା ନିକଟ ଜମରାଗୁଡ଼ା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ର ବସ୍ ନ ଥିବାରୁ ୭ ଛାତ୍ରୀଛାତ୍ର ଅମ୍ବାଦଳାରୁ ସବୁଦିନ ଭଳି ଅଟୋରିକ୍ସାରେ ସ୍କୁଲ ଯାଉଥିଲେ। ସକାଳେ ବର୍ଷା ହେଉଥିବାରୁ ହାଟ ଦହିଖାଲ ନିକଟରେ ଗାଡ଼ି ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱରେ ଠିଆ ହୋଇଥିବା ଏକ ଟ୍ରକ୍‌କୁ ଧକ୍କାଦେଇଥିଲା। ଏଥିରେ ୭ ଛାତ୍ରୀଛାତ୍ରଙ୍କ ସମେତ ଅଟୋ ଚାଳକ ରିତମ୍ କରକରିଆ ଆହତ ହୋଇଥିଲେ। ଜଣେ ଛାତ୍ରୀଙ୍କୁ ପରିବାର ଲୋକେ ବିଷମକଟକ ଡାକ୍ତରଖାନାକୁ ନେଇଥିବାବେଳେ ଅନ୍ୟ ସମସ୍ତଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ପ୍ରଥମେ ମୁନିଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଜଣେ ଛାତ୍ରୀ ସୁସ୍ଥହୋଇ ଫେରିଥିବାବେଳେ ଅନ୍ୟମାନେ ଚିକିତ୍ସାଧୀନ ଅଛନ୍ତି। ୭ ଆହତଙ୍କ ମଧ୍ୟରେ ୫ ଛାତ୍ରୀ ଏବଂ ୨ ଛାତ୍ର ରହିଛନ୍ତି। ଖବରପାଇ ମୁନିଗୁଡ଼ା ଓ ଅମ୍ବାଦଳା ଥାନା ପୋଲିସ, ବିଡିଓ ଦିଲୀପ କୁମାର ବେହେରା ଓ ଆଦର୍ଶ ବିଦ୍ୟାଳୟର ଶିକ୍ଷକମାନେ ଡାକ୍ତରଖାନାରେ ପହଞ୍ଚି ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଜମରାଗୁଡ଼ା ଆଦର୍ଶ ବିଦ୍ୟାଳୟରେ ହଷ୍ଟେଲ ଏବଂ ସ୍କୁଲ ବସ୍‌ର ସୁବିଧା ନାହିଁ। ଫଳରେ ଦୂରରୁ ଆସୁଥିବା ପିଲାମାନେ ଗାଡ଼ି ଭଡ଼ାକରି ସ୍କୁଲ ଯିବାକୁ ବାଧ୍ୟ ହେଉଛନ୍ତି। ତେଣୁ ହଷ୍ଟେଲ ସହ ସ୍କୁଲ ବସ୍ ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



ଆହତ ଛାତ୍ରୀଛାତ୍ର।

# ବର୍ଷାଦିନେ ବାହ୍ୟଜଗତରୁ ବିଚ୍ଛିନ୍ନ ଜଲାଖୁରା ଗ୍ରାମ

ଟିକିରି, ୧୦।୯(ଡି.ଏନ୍.ଏ.)



ଗାଁକୁ ସଂଯୋଗ କରୁଥିବା ନାଳ।

- ଗାଁକୁ ଯିବାକୁ ହେଲେ ନାଳ ପାରିହେବାକୁ ପଡ଼େ
- ନାହିଁ ପକ୍କାରାସ୍ତା, ହାଇସ୍କୁଲ

ଦେଶ ସ୍ୱାଧୀନତାକୁ ପୂରିଲାଣି ୭୫ବର୍ଷ। କିନ୍ତୁ ରାୟଗଡ଼ା ଜିଲା କାଶୀପୁର ବ୍ଲକ ମାଣ୍ଡିବିଶି ପଞ୍ଚାୟତ ଜଲାଖୁରା ଗାଁରେ ପହଞ୍ଚିପାରିଲାନାହିଁ ବିକାଶ। ଏବେ ବି ଏହି ଗାଁରେ ନାହିଁ ଭଲ ରାସ୍ତା, ସ୍କୁଲ। ବର୍ଷାଦିନେ ଗାଁ ପୂରା ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଏ। ନିର୍ବାଚନ ପୂର୍ବରୁ ନେତାମାନେ ଗାଁକୁ ଯାଇ ବିକାଶର ପ୍ରତିଶ୍ରୁତି ଦେଇଥାନ୍ତି। କିନ୍ତୁ ଥରେ ନିର୍ବାଚନ ଜିତିବା ପରେ ସେମାନେ ସେସବୁ ପ୍ରତିଶ୍ରୁତି ଭୁଲିଯାଆନ୍ତି। ବାରମ୍ବାର ପ୍ରଶାସନକୁ ନିଜ ଦୁଃଖ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳେନାହିଁ ବୋଲି ଗ୍ରାମବାସୀ କହିଛନ୍ତି।

ଗାଁରେ ପ୍ରାୟ ୭୦ ପରିବାର ବସବାସ କରନ୍ତି। ଏହି ଗାଁର ମୁଖ୍ୟ ସମସ୍ୟା ହେଲା ରାସ୍ତା। ଗାଁକୁ ଯିବାକୁ ହେଲେ ଏକ ନାଳ ପାରିହେବାକୁ ହୁଏ। ଉକ୍ତ ନାଳରେ ସବୁବେଳେ ପାଣି। ନାଳ ପାରି ହେଲେ ଗାଁ ଭିତରକୁ ଯିବାକୁ ରହିଛି କଚ୍ଚା ରାସ୍ତା। କୌଣସି ରୋଗୀ, ଗର୍ଭବତୀଙ୍କୁ ଜରୁରୀ ସମୟରେ ଡାକ୍ତରଖାନା ନେବାକୁ ହେଲେ ସେମାନଙ୍କୁ ପ୍ରଥମେ ଭାରରେ କିମ୍ବା ଚଳେଇ ଚଳେଇ ୭ କି.ମି. ରାଉତଘାଟି ପର୍ଯ୍ୟନ୍ତ ଆଣିବାକୁ ପଡ଼େ। ସେଠାରୁ ଆମ୍ବୁଲାନ୍ସ ଯୋଗେ କାଶୀପୁର ଡାକ୍ତରଖାନାକୁ ନିଆଯାଏ। ସେହିଭଳି ଗାଁରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ରହିଛି। ସ୍କୁଲ ଶିକ୍ଷକମାନେ ଦୈନିକ ନାଳ ପାରି ହୋଇ ବିଦ୍ୟାଳୟକୁ ଯାଇ ପିଲାଙ୍କୁ ପଢ଼ାଇଥାନ୍ତି। ପିଲାମାନେ ଅଧିକ ପଢ଼ିବା ପାଇଁ ଚାହିଁଲେ ସେମାନଙ୍କୁ ୧୦ କି.ମି. ଦୂର କାଶୀପୁର ଆସିବାକୁ ପଡ଼େ। ଭତ୍ତା ପାଇଁ ମଧ୍ୟ ହିତାଧିକାରୀଙ୍କୁ କାଶୀପୁର ନାଳ ପାରିହୋଇ ଆସିବାକୁ ପଡ଼େ। ପାନୀୟ ଜଳ ସମସ୍ୟା ମଧ୍ୟ ଗାଁରେ ରହିଛି। ନାଳ ପାଣି ହିଁ ଲୋକଙ୍କ ଭରସା। ପିଇବା, ଗାଧୋଇବା ଏବଂ ଶୌଚ ସବୁ କାମ ପାଇଁ ନାଳ ପାଣି ଭରସା। ତେଣୁ ବର୍ଷାଦିନେ ଅସୁସ୍ଥ ହେବାର ଆଶଙ୍କା ବେଶି ରୁହେ ବୋଲି ଗ୍ରାମବାସୀ କହିଛନ୍ତି। ତୁରନ୍ତ ଏ ଦିଗରେ ଦୃଷ୍ଟିଦେଇ ସମସ୍ୟା ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ନାଳରେ ପୋଲ ଓ ଗାଁକୁ ରାସ୍ତା ତିଆରି କରିବାକୁ ଦାବି କରାଯାଇଛି। ଏ ନେଇ ବିଡିଓ ଦେବାଶିଷ କରଙ୍କୁ ପଚାରିବାରୁ ସମସ୍ୟା ସମ୍ପର୍କରେ ଅବଗତ ଅଛି। ଜଣେ ଅଧିକାରୀ ଗାଁକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। କିଛିଦିନ ମଧ୍ୟରେ ସମସ୍ୟା ସମାଧାନ କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଶିକ୍ଷକ-ଅଭିଭାବକ ସମ୍ମିଳନୀ

ଜୟପୁର,୧୦ା୯ (ନି.ପ୍ର.)-ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ବିଦ୍ୟାଳୟ ରୂପାନ୍ତରକରଣ ସମ୍ପର୍କରେ ଅଭିଭାବକମାନଙ୍କୁ ସଚେତନ କରିବା ଲାଗି ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୀମାଞ୍ଚଳ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ଶିକ୍ଷକ ଓଁପ୍ରକାଶ ମିଶ୍ର, ଦିଲୀପ ପଣ୍ଡା, ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ପ୍ରଭାତ ରଥ, ଯଜ୍ଞେଶ୍ୱର ପଣ୍ଡା, ବିଶ୍ୱରଞ୍ଜନ ଗୌଡ଼, ଶିକ୍ଷୟିତ୍ରୀ ଏନ୍.ପଦ୍ମାବତୀ, ପ୍ରଶିକ୍ଷିକା ଉମାକାନ୍ତି ବାଇପାଇ,ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜିକା ସଂଯୁକ୍ତା ରାଉତ ଯୋଗଦେଇ ୫-ଟି ଯୋଜନାର ଲକ୍ଷ୍ୟ, ଏହି ଯୋଜନାରେ ଉପଲବ୍ଧ ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ଅଭିଭାବକମାନଙ୍କୁ ଅବଗତ କରିଥିଲେ। ଶିକ୍ଷୟିତ୍ରୀ ରଶ୍ମିତା ନାହାକ ଧନ୍ୟବାଦ ଦେଇଥିଲେ।

### ମାଥିଲି ପଞ୍ଚାୟତ ସମିତି ପକ୍ଷରୁ ଅହିଂସା ରଥକୁ ସ୍ୱାଗତ

ମାଥିଲି,୧୦ା୯(ଡି.ଏନ.ଏ.)- ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଭାରତ ସରକାରଙ୍କ ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ମାଥିରେ ପଞ୍ଚାୟତ ସମିତି ପକ୍ଷରୁ ଅହିଂସା ରଥକୁ ଶନିବାର ସ୍ୱାଗତ କରାଯାଇଛି। ଏହି ଅହିଂସା ରଥ ଗାଁଗାଁ ବୁଲି ଅହିଂସାର ବାର୍ତ୍ତା ପ୍ରଚାର କରୁଛି। ଶନିବାର ଏହି ରଥ ମାଲକାନଗିରି ଜିଲା ମାଥିଲି ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ପହଞ୍ଚିବା ପରେ ରଥକୁ ବିଡିଓ ଆଶିଷ ଭୋଇଙ୍କ ତତ୍ତ୍ୱାବଧାନରେ ପଞ୍ଚାୟତ ସମିତିର ସମସ୍ତ କର୍ମଚାରୀ, ମହିଳା ଓ ଶିଶୁ ବିକାଶର କର୍ମଚାରୀ ଓ ଅଙ୍ଗନୱାଡି କର୍ମୀ, ତହସିଲ କାର୍ଯ୍ୟାଳୟ, ମେଡିକାଲ, ଆଶା କର୍ମୀ ଓ ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କ ସହ ଅନ୍ୟମାନେ ସ୍ୱାଗତ କରିଥିଲେ। ଗୋପବନ୍ଧୁ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ହାତରେ ଜାତୀୟ ପତାକା ଧରି ଅହିଂସା ରଥକୁ ସ୍ୱାଗତ କରି ସହର ପରିକ୍ରମା କରିଥିଲେ।

### ଭଉଣୀଙ୍କୁ ହତ୍ୟା ଉଦ୍ୟମ କରି ଭାଇ ଗିରଫ

ଜୟପୁର,୧୦ା୯ (ନି.ପ୍ର.) - ଭଉଣୀକୁ ହତ୍ୟା ଉଦ୍ୟାମ କରିଥିବା ଅଭିଯୋଗରେ ଭାଇଙ୍କୁ ଗିରଫ କରିଛି ଜୟପୁର ଟାଉନଥାନା ପୋଲିସ । ଗିରଫ ଅଭିଯୁକ୍ତ ହେଲେ ଓଡିଆ ମେଦ୍ରିସାହିର ମହେଶ ପାଙ୍ଗି। ଓଡିଆ ମେଦ୍ରୀ ସାହିରେ ରହୁଥିବା ମିନି ହରିଜନଙ୍କୁ ମହେଶ ଟଙ୍କା ମାଗିଥିଲେ ସେ ନ ଦେବାରୁ ଛୁରିରେ ଆକ୍ରମଣ କରି ହତ୍ୟା ଉଦ୍ୟମ କରିଥିବା ଟାଉନଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରି ମହେଶଙ୍କୁ ଗିରଫ କରିଛି। ବ୍ୟବହୃତ ଛୁରି ଜବତ ହୋଇଥିବା ପୋଲିସ ପକ୍ଷରୁ କୁହାଯାଇଛି।

### ବିଦାୟ କାଳୀନ ସମ୍ବର୍ଦ୍ଧନା




ଜୟପୁର,୧୦ା୯ (ନି ପ୍ର) - ସରକାରୀ ଉଚ୍ଚ ବିଦ୍ୟାଳୟ ଏକମ୍ବାରେ କାର୍ଯ୍ୟ କରୁଥିବା କନିଷ୍ଠ ସହାୟକ ଶଶି ଭୂଷଣ ଦାସଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ତାଙ୍କୁ ବୋରିଗୁମ୍ମା ବିଇଓ ଅଫିସକୁ ବଦଳି କରାଯାଇଛି। ଏନେଇ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ମିଶ୍ର, ବରିଷ୍ଠ ଶିକ୍ଷକ ସୁନିଲ ପାଢୀଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକମାନେ ଆୟୋଜିତ ବିଦାୟକାଳିନ ସମ୍ବର୍ଦ୍ଧନାରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

### ଯୁବତୀଙ୍କୁ ପ୍ରତାରଣା

**ବିଷମକଟକରୁ ଫାର୍ମାସିଷ୍ଟ ଗିରଫ**



ଭବାନୀପାଟଣା, ୧୦ା୯(ସ୍ୱ.ପ୍ର.)- କଳାହାଣ୍ଡି ଜିଲା କେସିଙ୍ଗା ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ପରେ ପ୍ରତାରଣା କରିଥିବା ଅଭିଯୋଗ ହୋଇଛି। ଏ ନେଇ ଯୁବତୀ ଜଣକ କେସିଙ୍ଗା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୩୫୪/୨୨) ରୁଜୁ କରି ତଦନ୍ତ କରିଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ରାୟଗଡା ଜିଲା ବିଷମକଟକ ବଡସାହିର ଲକ୍ଷ୍ମଣ କୁମାର ବାଗଙ୍କୁ କେସିଙ୍ଗା ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ଜଣକ ବିବାହିତା ହୋଇଥିବାବେଳେ ସେ ଫାର୍ମାସିଷ୍ଟ ଭାବେ ନିୟମଗିରି ପାଦଦେଶରେ ଥିବା କୁର୍ଲି ପଞ୍ଚାୟତ ଖମ୍ବେସୀ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟ କରୁଛନ୍ତି।

# ସୂର୍ଯ୍ୟପରି ଶିକ୍ଷୟିତ୍ରୀ ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଉଜ୍ଜ୍ୱଳ କରିଥାନ୍ତି: ରାଜ୍ୟପାଳ

କୋରାପୁଟ/ସେମିଳିଗୁଡା, ୧୦ା୯(ସ୍ୱ.ପ୍ର./ଡିଏନ.ଏ.)



କୋରାପୁଟ ରେଳ ଷ୍ଟେଶନଠାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଜିଲାପାଳ ଅବ୍‌ଦାଲ ଏମ୍. ଅଖ୍ତାର ସ୍ୱାଗତ କରୁଛନ୍ତି।

ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଶନିବାର ଦୁଇଦିନିଆ କୋରାପୁଟ ଜିଲା ଗସ୍ତରେ ଆସି କୋରାପୁଟରେ ପହଞ୍ଚିଛନ୍ତି। ସକାଳ ୯ଟାରେ ହୀରାଖଣ୍ଡ ଟ୍ରେନର ସ୍ୱତନ୍ତ୍ର ବଗିରେ ଭୁବନେଶ୍ୱରରୁ ଆସି କୋରାପୁଟରେ ପହଞ୍ଚିବା ପରେ କୋରାପୁଟ ଷ୍ଟେସନଠାରେ ତାଙ୍କୁ ଜିଲାପାଳ ଅବଦାଲ ଏମ. ଅଖତାର ଓ ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ଷ୍ଟେସନ ମ୍ୟାନେଜର ନନ୍ଦ କିଶୋର ଭିତିରିଆଙ୍କ ସମେତ ବହୁ ପଦସ୍ଥ ଅଧିକାରୀ ଉପସ୍ଥିତ ରହି ରାଜ୍ୟପାଳଙ୍କୁ ସ୍ୱାଗତ କରିଥିଲେ। ପରେ ରାଜ୍ୟପାଳ ଷ୍ଟେସନରୁ କୋରାପୁଟ ସ୍ୱତନ୍ତ୍ର ସର୍କିଟ ହାଉସକୁ ଯାଇଥିଲେ। ପୂର୍ବାହ୍ନରେ କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟଠାରେ ଅନୁଷ୍ଠିତ 'ଭାରତର ସ୍ୱାଧୀନତାରେ ଆଦିବାସୀମାନଙ୍କ ଯୋଗଦାନ' ଶୀର୍ଷକ ଏକ ଜାତୀୟ ଆଲୋଚନଚକ୍ରରେ ଯୋଗ ଦେଇଥିଲେ। ଅପରାହ୍ନ ୫ଟାରେ ରାଜ୍ୟପାଳ ଗଣେଶୀ ଲାଲ ଜାନିଗୁଡାସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲ(ଡିପିଏସ୍)ର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍କୁଲ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ ଯେ, ସୂର୍ଯ୍ୟ ଯେମିତି ସମଗ୍ର ପୃଥିବୀର ଅନ୍ଧକାରକୁ ଦୂର କରି ଆଲୋକିତ କରିଥାଏ: ଠିକ୍ ସେମିତି ଶିକ୍ଷୟିତ୍ରୀ ଶିକ୍ଷକମାନେ ଶିକ୍ଷା ଦାନରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଉଜ୍ଜ୍ୱଳ କରିଥାନ୍ତି। ପିଲାଙ୍କ ଭବିଷ୍ୟତ ଗଢିବାରେ ଅଭିଭାବକ ଅଂଶୀଦାର ହୋଇ ସଚେତନ ହେବା ଜରୁରୀ ବୋଲି ସେ ପ୍ରକାଶ କରିଥିଲେ । ଏହି ଉତ୍ସବରେ ଅନ୍ୟତମ ଅତିଥି ଭାବେ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା କୋରାପୁଟ ବିଧାୟକ ରଘୁରାମ ପଡାଲ, ପଟ୍ଟାଙ୍ଗୀ ବିଧାୟକ ପିତମ ପାଢ଼ୀ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗୀ, ଡ଼ିପିଏସର ଅଧ୍ୟକ୍ଷ ତଥା ସମାଜିକ କର୍ମୀ କୃଷ୍ଣ ସିଂହ ଯୋଗଦେଇ ନିଜ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ କୃଷ୍ଣ ସିଂହ ଅଧ୍ୟକ୍ଷତା କରିଥିଲେ। ରବିବାର ରାଜ୍ୟପାଳ କୁନ୍ଦୁରା ବ୍ଲକ ଯାଇ ସେଠାରେ ବୁଦାଗୁଡା ଗ୍ରାମରେ ଦୁରୁଆ ଗ୍ରାମବାସୀ ମହିଳା ମହାସଂଘ ପକ୍ଷରୁ ଆୟୋଜିତ ବାର୍ଷିକ ଉତ୍ସବରେ ଯୋଗ ଦେବେ। ପରେ ଜୟପୁରଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ସ୍ଥିର ହୋଇଛି। ସୋମବାର ସକାଳେ ରାଜ୍ୟପାଳ କାର ଯୋଗେ ରାୟଗଡା ଜିଲା ଗସ୍ତରେ ଯିବେ। ରାଜ୍ୟପାଳଙ୍କ ଦୁଇ ଦିନିଆ ଗସ୍ତକୁ ଦୃଷ୍ଟିରେ ରଖି କୋରାପୁଟ ପୋଲିସ ପ୍ରଶାସନ ପକ୍ଷରୁ ଜଣେ ଅତିରିକ୍ତ ଏସ୍‌ପି, ୫ ଜଣ ଡିଏସ୍‌ପି, ୧୦ ଜଣ ଇନ୍ସପେକ୍ଟର ଏବଂ ୧୨ ପ୍ଲାଟୁନ ପୋଲିସ ଫୋର୍ସ ବିଭିନ୍ନ ସ୍ଥାନରେ ମୁତୟନ କରାଯାଇଛି।

**ଦୁଇଦିନିଆ କୋରାପୁଟ ଗସ୍ତରେ ରାଜ୍ୟପାଳ**

# ସୀମାନ୍ତରେ ମାଓବାଦୀ ଦମ୍ପତିଙ୍କ ଆତ୍ମସମର୍ପଣ

ମାଲକାନଗିରି, ୧୦ା୯(ଡି.ଏନ.ଏ.)



ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ବିଜାପୁରରେ ଏକ ମାଓବାଦୀ ଦମ୍ପତି ଆତ୍ମସମର୍ପଣ କରିଛନ୍ତି। ସେ ହେଲେ ମାଓବାଦୀ ନେତା ସମୀର ମୋଡିୟମ ଓ ତାଙ୍କ ସ୍ତ୍ରୀ ଅନୁପ୍ରିୟା। ଶନିବାର ଉଭୟେ ବିଜାପୁର ଜିଲା ପୋଲିସ ନିକଟରେ ଆତ୍ମ ସମର୍ପଣ କରିଛନ୍ତି। ମାଓବାଦୀ ସଙ୍ଗଠନରେ ଥିବା ବେଳେ ଅନୁପ୍ରିୟାଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଥିଲା। ସେବେଠାରୁ ମାଓବାଦୀ କମିଟିର ଅନ୍ୟ ସଦସ୍ୟମାନେ ତାଙ୍କ ପ୍ରତି ଭେଦଭାବପୂର୍ଣ୍ଣ ମନୋଭାବ ଗ୍ରହଣ ପୋଷଣ କରିବା ସହ ତାଙ୍କ ବିରୋଧରେ ଷଡଯନ୍ତ୍ର କରୁଥିଲେ। ସମୀର ଅନୁପ୍ରିୟାଙ୍କୁ ବିବାହ ପରେ ମାଓବାଦୀ ସଙ୍ଗଠନର ବଡ ମାଓବାଦୀ ନେତାମାନେ ତାଙ୍କ ପ୍ରତି ଦୁର୍ବ୍ୟବହର ପ୍ରଦର୍ଶନ କରି ଆସୁଥିଲେ। ଫଳରେ ସେ ସାଧାରଣ ଜୀବନଯାପାନ ପାଇଁ ଆଗ୍ରହ ପ୍ରକାଶ କରି ବିଜାପୁର ଏସ୍‌ପି ଅଞ୍ଜାନେ ଭାରଶନିଙ୍କ ନିକଟରେ ଆତ୍ମସମର୍ପଣ କରିଥିବା ସମୀର ପ୍ରକାଶ କରିଛନ୍ତି। ସମୀର ପୂର୍ବରୁ ୧୩ ବର୍ଷ ଧରି ମାଓବାଦୀ ସଙ୍ଗଠନରେ କାର୍ଯ୍ୟ କରୁଥିଲେ। ୧୨ଟି ବଡ ହିଂସାକାଣ୍ଡରେ ସେ ଜଡିତ ଥିବା କହିଥିଲେ। ତାଙ୍କ ନାମରେ ୧୦ ଲକ୍ଷ ଟଙ୍କାର ପୁରସ୍କାର ରହିଥିବା ସମୀର ପ୍ରକାଶ କରିଛନ୍ତି।

# ପୋଷ୍ଟାଲରୁ ଶହୀଦ ଯବାନଙ୍କ ଟଙ୍କା ଗାଏବ

ମାଲକାନଗିରି, ୧୦ା୯(ଡି.ଏନ.ଏ.)



ଶହୀଦ୍ ଯବାନଙ୍କ ଟଙ୍କାକୁ ସୁରକ୍ଷିତ ରଖିବା ପାଇଁ ଡାକ ବିଭାଗରେ ପରିବାର ଲୋକେ ଅର୍ଥକୁ ସଞ୍ଚୟ କରି ରଖିଥିବା ଅର୍ଥ ଗାଏବ ହୋଇଯାଇଛି। ଏବେ ସେହି ଅର୍ଥ ମିଳିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ମାଲକାନଗିରି ସଦର ମହକୁମାର ସିଆରପିଏଫ ଯବାନ ରମେଶ ହାଲ୍‌ୱା ଜମ୍ମୁକାଶ୍ମିରର ବାରାମୁଲାଠାରେ ୨୦୦୯ ସେପ୍ଟେମ୍ବରରେ ଆତଙ୍କବାଦୀଙ୍କ ଗୁଳିରେ ଶହୀଦ୍ ହୋଇଥିଲେ। ଶହୀଦଙ୍କ ପରିବାରକୁ ସରକାରୀ ନିୟମ ଅନୁଯାୟୀ ମିଳିଥିବା ଅର୍ଥକୁ ପରିବାର ଲୋକେ ଡାକ ବିଭାଗରେ ଜମା କରିଥିଲେ। ସହିଦ୍ ରମେଶ ହାଲ୍‌ୱାଙ୍କ ମା' ଲକ୍ଷ୍ମୀପ୍ରିୟା ହାଲ୍‌ୱା ଓ ସାନଭାଇ ରମେଶ ହାଲ୍‌ୱା ଜମା କରିଥିଲେ। ଗତ ୨୦୧୭ ଜୁଲାଇରେ ଉଭୟେ ମାଆ ଓ ଭାଇ ଦୁଇଟି ଟର୍ମ ଡିପୋଜିଟ୍ ଆକାଉଣ୍ଟ ଖୋଲି ୨ ଲକ୍ଷ ଲେଖାଏ ଟଙ୍କା ୩ ବର୍ଷ ପାଇଁ ଜମା ରଖିଥିଲେ। ୨୦୨୦ରେ ଏହି ଟଙ୍କା ସେମାନଙ୍କୁ ମିଳିବାକୁ ଥିଲା। ଟଙ୍କା ଉଠାଇବାକୁ ଯାଇ ମାଆ ଓ ଭାଇ ଜମା ଖାତାରେ ଆଦୌ ଟଙ୍କା ଜମା ହୋଇ ନ ଥିବା ଜାଣିବାକୁ ପାଇଥିଲେ। ସହିଦ ରମେଶଙ୍କ ମା' ୨୦୨୧ରେ ଡାକ ବିଭାଗରେଳ ଏନେଇ ଅଭିଯୋଗ କରିଥିଲେ ମଧ୍ୟ ଏ ଯାଏ ଅର୍ଥ ଫେରି ପାଇନାହାନ୍ତି ସହିଦ୍ଙ୍କ ପରିବାର ଲୋକେ । ଏନେଇ ବାରମ୍ବାର ବିଭିନ୍ନ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ଅର୍ଥ ମିଳୁ ନାହିଁ।ଏହାକୁ ନେଇ ଏବେ ଶହୀଦଙ୍କ ପରିବାର ଚିନ୍ତାରେ ଅଛନ୍ତି।

# ଜିଲାର ୧୫ କନିଷ୍ଠ ଏସ୍‌ଇଏସ୍ ଶିକ୍ଷକଙ୍କୁ ମିଳିଲା ପଦୋନ୍ନତି

କୋରାପୁଟ,୧୦ା୯(ସ୍ୱ.ପ୍ର.)

କୋରାପୁଟ ଜିଲା ଶିକ୍ଷା ବିଭାଗର ପଦୋନ୍ନୋତି କମିଟିର ସୁପାରିଶକ୍ରମେ ଓଡ଼ିଶା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ କୋରାପୁଟ ଜିଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ୧୫ ଜଣ କନିଷ୍ଠ ଏସ୍‌ଇଏସ୍ ଶିକ୍ଷକଙ୍କୁ ସିନିୟର ଏସ୍‌ଇଏସ୍ କ୍ୟାଡରକୁ ପଦୋନ୍ନୋତି ଦେଇଛନ୍ତି। ଏଥିସହ ବିଭିନ୍ନ ଉଚ୍ଚ ବିଦ୍ୟାଳୟରେ ଖାଲିଥିବା ପ୍ରଧାନ ଶିକ୍ଷକ ପଦବୀରେ ସେମାନଙ୍କୁ ନିଯୁକ୍ତି ମିଳିଛି।

ଖବରରୁ ଜଣାପଡିଛି, କୋରାପୁଟ ସରକାରୀ ଉଚ୍ଚ ବିଦ୍ୟାଳୟର ବିଜୟ ସାହୁଙ୍କୁ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଡୁମୁରିପଦରରେ ନିଯୁକ୍ତି ମିଳିଥିବାବେଳେ ଜୟପୁରର ବ୍ରାହ୍ମଣଗୁଡା ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଭାବଗ୍ରାହୀ ରାଉଳଙ୍କୁ ଟାଙ୍ଗିଣିଗୁଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାବେ ନିଯୁକ୍ତି ମିଳିଛି । ଜୟପୁର ସରକାରୀ ଉଚ୍ଚ ବିଦ୍ୟାୟର ଦିଲୀପ ପଣ୍ଡାଙ୍କୁ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଗଡପଦରକୁ ବଦଳି କରାଯାଇଛି। କୋରାପୁଟ ସରକାରୀ ମାଳିକା ଉଚ୍ଚ ବିଦ୍ୟାଳୟର ଦୁର୍ଗା ପ୍ରସାଦ ରଥଙ୍କୁ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ମୈନାମାଳରେ ନିଯୁକ୍ତି ମିଳିଛି । ସେହିପରି କୋଟପାଡ ସରକାରୀ ଉଚ୍ଚ ବିଦ୍ୟାଳୟର କାର୍ଯ୍ୟରତ କୀରଣ ଚନ୍ଦ୍ର ମିଶ୍ରଙ୍କୁ କୁସୁମିର ନ୍ୟୁ ଗଙ୍ଗାଧର ଉଚ୍ଚ ବିଦ୍ୟାଳୟକୁ, ପଟ୍ଟାଙ୍ଗୀ ସରକାରୀ ଉଚ୍ଚ ବିଦ୍ୟାଳୟର ଲବଙ୍ଗଲତା ବାରିକଙ୍କୁ ଆମ୍ବାବାଲି ୟୁଜିଏଚଏସକୁ, ଦଶମନ୍ତପୁର ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରଭାତି ଖୋସ୍ଲାଙ୍କୁ ଦେବୀଘାଟ ୟୁଜିଏଚଏସକୁ ବଦଳି ହୋଇଛି।

ସେହିପରି ଜୟପୁରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ଓମ ପ୍ରକାଶ ମିଶ୍ରଙ୍କୁ ଧନପୁର ୟୁଜିଏଚଏସକୁ, କୋଟପାଡ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରମୋଦିନୀ ବିଶ୍ୱାଳଙ୍କୁ ସିରିଗୁଡା ୟୁଜିଏଚଏସକୁ, ମସ୍ତିପୁଟ ହାଇସ୍କୁଲର ଆର. ଶିବ ଶଙ୍କର ପଟ୍ଟନାୟକଙ୍କୁ ନିଘାମାନିଗୁଡା ସରକାରୀ ହାଇସ୍କୁଲ, ଡିମଲା ୟୁଜିଏଚଏସର ଶିବରାମ ପାଣିଗ୍ରାହୀଙ୍କୁ ସଲପା ୟୁଜିଏଚଏସରେ ନିଯୁକ୍ତ କରାଯାଇଛି। ସେମିଳିଗୁଡା ହାଇସ୍କୁଲର ସ୍ମିତା ଲାକ୍ରାଙ୍କୁ ସୋରିଷପଦର ଉନ୍ନୀତ ଉଚ୍ଚ ବିଦ୍ୟାଳୟ, କୋରାପୁଟ ସରକାରୀ ହାଇସ୍କୁଲର ସୁଧୀର କୁମାର ମହାନ୍ତିଙ୍କୁ ଧରଡା ହାଇସ୍କୁଲ, ଏକାମ୍ବା ସରକାରୀ ହାଇସ୍କୁଲର ସୁନିଲ କୁମାର ପାଢୀଙ୍କୁ ଆମ୍ବାଗୁଡା ଏବଂ କୋଟପାଡ ହାଇସ୍କୁଲର ଭି. ମିନାକ୍ଷୀଙ୍କୁ ଘମୋର ୟୁଜିଏସରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ମିଳିଛି। ପଦୋନ୍ନୋତି ପାଇଥିବା ସମସ୍ତେ ଚଳିତ ୧୩ ତାରିଖ ସୁଦ୍ଧା ରିଲିଫ ହୋଇ ଆସନ୍ତା ୧୬ ତାରିଖରେ କାର୍ଯ୍ୟରେ ଯୋଗ ଦେବାକୁ ନିର୍ଦ୍ଦେଶରେ କୁହାଯାଇଛି।

# ନାଲ୍‌କୋ ପଞ୍ଚପାଟମାଳି ଖଣି ପକ୍ଷରୁ ଚାରା ବଣ୍ଟନ

ଦାମନଯୋଡି,୧୦ା୯(ଡିଏନଏ)

ନାଲକୋର ପଞ୍ଚପାଟମାଳି ବକ୍ସାଇଟ ଖଣି ସର୍ବଦା ଖଣିରେ ଏବଂ ଏହାର ଆଖପାଖରେ ସବୁଜିମା ବଢାଇବା ଲାଗି ଉଦ୍ୟମ ଜାରି ରଖିଛି। ଶୁକ୍ରବାର ଗିର୍ଲିପୁଟ ଗ୍ରାମବାସୀଙ୍କୁ ଖଣି ପକ୍ଷରୁ ଫଳ ଚାରା ବଣ୍ଟନ କରାଯାଇଥିଲା । ଏଥିସହ ଗ୍ରାମବାସୀ ଏବଂ ସ୍ଥାନୀୟ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବାର୍ତ୍ତାଳାପ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ଜିଜିଏମ (ମାଇନ୍ସ) ଆର. ୱାରିସ, ଜିଏମ ଏସ. କେ. ପଟ୍ଟନାୟକ, (ପରିବେଶ), ଜିଏମ୍ ଅମରେନ୍ଦ୍ର ମିଶ୍ର, (ମାନବ ସମ୍ବଳ), ନାଲକୋ ଫାଉଣ୍ଡେସନର ଅଧିକାରୀ ତଥା ନାଲକୋର ଅନ୍ୟ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ।। ଜିଜିଏମ ୱାରିସ (ମାଇନ୍ସ) ଗ୍ରାମବାସୀ ଓ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ଜଙ୍ଗଲର ସୁରକ୍ଷା କରିବା ଓ ଗ୍ରାମରେ ସବୁଜିମା ବଢାଇବା ପାଇଁ ପରାମର୍ଶ ଦେଇଥିଲେ । ସୂଚନାଯୋଗ୍ୟ, ଚଳିତବର୍ଷ ବକ୍ସାଇଟ ମାଇନ୍ସ ପକ୍ଷରୁ ଏଯାଏ ୧,୧୦, ୪୭୩ ବୃକ୍ଷ ରୋପଣ କରାଯାଇଛି। ଖଣି ପକ୍ଷରୁ ପାରିପାର୍ଶ୍ୱିକ ଗ୍ରାମବାସୀଙ୍କୁ ୫ହଜାର ଫଳ ବିହନ ବଣ୍ଟନ କରାଯାଇଛି।

# ରାଜ୍ୟପାଳଙ୍କ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକଙ୍କୁ ଉପେକ୍ଷା ଅଭିଯୋଗ

ସୁନାବେଡା, ୧୦ା୯ (ସ୍ୱ.ପ୍ର.)

**ଆସିଲେନି ୩ ବିଧାୟକ**

କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶାର ପ୍ରତିଷ୍ଠା ଦିବସରେ ସ୍ଥାନୀୟ ବିଧାୟକଙ୍କୁ ଅସମ୍ମାନ କରାଯାଇଥିବା ଅଭିଯୋଗ ହୋଇଛି। ଫଳରେ କାର୍ଯ୍ୟକ୍ରମକୁ ୩ ବିଧାୟକ ଆସି ନାହାନ୍ତି। ମିଳିଥିବା ଖବରରୁ ଜଣାପଡିଛି, ଗତ ଅଗଷ୍ଟ ୨୯ରେ ସୁନାବେଡାରେ ଥିବା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ତା'ର ୧୪ତମ ପ୍ରତିଷ୍ଠା ଦିବସ ପାଳନ କରିଥିଲା। ଯେଉଁ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭିଡ଼ିଓ କନଫରେନ୍ସ ମାଧ୍ୟମରେ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏଥିରେ କୋରାପୁଟ ଜିଲାର କୋରାପୁଟ ଓ ପଟ୍ଟାଙ୍ଗୀ ଦୁଇ ବିଧାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମାତ୍ର ବିଡମ୍ବନାର ବିଷୟ ଦୁଇ ବିଧାୟକଙ୍କୁ ମଞ୍ଚ ଉପରେ ନ ବସାଇ ସାଧାରଣ ଦର୍ଶକଙ୍କ ଭଳି ମଞ୍ଚ ତଳେ କର୍ତ୍ତୃପକ୍ଷ ବସାଇଥିଲେ। ଏଥିପାଇଁ ଦୁଇ ବିଧାୟକଙ୍କୁ ଅପଦସ୍ତ ହେବାକୁ ପଡିଥିଲା। ଏହାର ପ୍ରତିଫଳନ ଶନିବାର ପ୍ରଫେସର ରାଜ୍ୟପାଳଙ୍କ ଗସ୍ତ କାର୍ଯ୍ୟକ୍ରମରେ ମଧ୍ୟ ଦେଖିବାକୁ ମିଳିଛି । ରାଜ୍ୟପାଳ ଜାତୀୟ ଜନଜାତି କମିଶନ ଓ କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟର ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟପାଳ ମୁଖ୍ୟଅତିଥି ଭାବରେ ଯୋଗଦେଇ ସ୍ୱାଧୀନତା ସଂଗ୍ରାମରେ ଜନଜାତି ନେତାଙ୍କ ଅବଦାନ ଶୀର୍ଷକ ଏକ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ମାତ୍ର କାର୍ଯ୍ୟକ୍ରମ ପାଇଁ ଛପା ଯାଇଥିବା ନିମନ୍ତ୍ରଣ ପତ୍ରରେ ସ୍ଥାନୀୟ ଜନ ପ୍ରତିନିଧିଙ୍କ ନାମ ନ ଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ସ୍ଥାନୀୟ ଜନଜାତି ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କୋରାପୁଟ ଜିଲାରେ କାର୍ଯ୍ୟକ୍ରମ ହୋଇଥିଲେ ମଧ୍ୟ ପଟାଙ୍ଗୀ ବିଧାୟକ ପିତମ ପାଢୀ ଓ କୋରାପୁଟ ବିଧାୟକ ରଘୁରାମ ପାଡାଲଙ୍କ ସହ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କୁ କାର୍ଯ୍ୟକ୍ରମକୁ ସାଧାରଣ ଅତିଥି ଭଳି ନିମନ୍ତ୍ରଣ କରାଯାଇଥିଲା। ଏହି କାରଣରୁ ୩ ବିଧାୟକ କାର୍ଯ୍ୟକ୍ରମକୁ ବର୍ଜନ କରିଥିଲେ। ଏହି ଅବସରରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି ଯେ, ଏପରି ଆଚରଣ ନିହାତି ଦୁର୍ଭାଗ୍ୟଜନକ। କୋରାପୁଟ ଜିଲା ବିଜେଡି ସଭାପତି ମଧ୍ୟ ଅନୁରୂପ ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି ଜନଜାତିଙ୍କ ଉଦ୍ଦେଶ୍ୟରେ ହେଉଥିବା କାର୍ଯ୍ୟକ୍ରମରେ ସ୍ଥାନୀୟ ନେତୃତ୍ୱଙ୍କୁ ଉପେକ୍ଷା କରାଯାଇଛି । ଏହା ନିନ୍ଦନୀୟ ।

# ଶିକ୍ଷକ- ଅଭିଭାବକ ବୈଠକ

କୁଡୁମୁଲୁଗୁମ୍ମା, ୧୦ା୯(ଡି.ଏନ.ଏ.)

କୁଡୁମୁଲୁଗୁମ୍ମା ଅନ୍ତର୍ଗତ ଗୁଣ୍ଡୁରିଗୁଡା ଆଦର୍ଶ ବିଦ୍ୟାଳୟ ପରିସରରେ ଏକ ଶିକ୍ଷକ ଅଭିଭାବକ ବୈଠକ ଭାଗୀରଥି ଟେକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବୈଠକକୁ ବିଦ୍ୟାଳୟ ଅଧ୍ୟକ୍ଷ ମହେଶ୍ୱର ସାହୁ ପରିଚାଳନା କରିଥିଲେ। ସହକାରୀ ଶିକ୍ଷକ ହର ପ୍ରସାଦ ସ୍ୱାଇଁ ସହଯୋଗ କରିଥିଲେ । ବୈଠକରେ ୫-ଟି କାର୍ଯ୍ୟରେ ହୋଇଥିବା ବିଭିନ୍ନ ସୁବିଧା ଓ ଅସୁବିଧା ସମ୍ପର୍କରେ ଆଲୋଚନା ହୋଇଥିଲା। ସମସ୍ୟା ସମ୍ପର୍କରେ ଖଇରପୁଟ ବିଡ଼ିଓଙ୍କୁ ଅବଗତି କରିବା ପାଇଁ ସହମତି ପ୍ରକାଶ ପାଇଥିଲା ବିଦ୍ୟାଳୟକୁ ବହୁ ଦୁରଦୁରାନ୍ତରୁ ଆସୁଥିବା ପିଲାମାନଙ୍କୁ ହଷ୍ଟେଲ ସୁବିଧା ଯୋଗାଇଦେବା ନିମନ୍ତେ ଅଭିଭାବକମାନେ ଗୁରୁତ୍ୱାରୋପ କରିଥିଲେ। ଇଂରାଜୀ ,ଜୀବବିଜ୍ଞାନ ଓ ଗଣିତ ପଢାଇବା ପାଇଁ ଶିକ୍ଷକ ନ ଥିବା ଅଧ୍ୟକ୍ଷ ବୈଠକରେ ଉପସ୍ଥାପନା କରିଥିଲେ। ସମସ୍ୟା ସମାଧାନ ପାଇଁ ବିଦ୍ୟାଳୟ ଏସଏମଡିସି ଜିଲାପାଳଙ୍କୁ ଅନୁରୋଧ କରିବା ଲାଗି ନିଷ୍ପତ୍ତି ହୋଇଥିଲା।

# ଅସହାୟ ପରିବାର ନିକଟରେ ପହଞ୍ଚିଲା ପୌର ପ୍ରଶାସନ

ଜୟପୁର,୧୦ା୯ (ନି.ପ୍ର.)

ଜୟପୁର ସହରର ଗଙ୍ଗାନଗରରେ ରହୁଥିବା ଦୃଷ୍ଟିବାଧିତ ନୀଳମାଧବ ଓ ବୃଦ୍ଧ ମାଆବାପାଙ୍କ ଦୟନୀୟ ଖବର ଶୁଣି ଶୁକ୍ରବାର ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କ ସମେତ ଏକ ଟିମ୍ ତାଙ୍କ ଘରେ ପହଞ୍ଚି ପରିବାର ଲୋକଙ୍କ ସହ ଆଲୋଚନା କରିଛନ୍ତି। ପରିବାରର ମୁଖ୍ୟ ଅର୍ଜ୍ଜୁନ ସେନାପତିଙ୍କୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୨୦ହଜାର ଟଙ୍କା ଓ ରହିବା ପାଇଁ ଘର ଖଣ୍ଡିଏ ଦେବାକୁ ବ୍ୟବସ୍ଥା କରାଯିବ ବୋଲି ନିର୍ବାହୀ ଅଧିକାରୀ ପଟ୍ଟନାୟକ କହିଛନ୍ତି। ଏଣିକି ଅର୍ଜ୍ଜୁନ ଭତ୍ତା ଆଣିବା ପାଇଁ ଯିବେନାହିଁ। ପୌର ପ୍ରଶାସନ ପକ୍ଷରୁ ପ୍ରତି ମାସରେ ତାଙ୍କୁ ଆଣି ସେ ଭତ୍ତା ଟଙ୍କା ଦେବେ। ଅନ୍ୟପକ୍ଷରେ ଏହି ଖବର ଜାଣି ସହରର ଜଣାଶୁଣା କ୍ରିକେଟିୟର ତଥା ପ୍ରତିଷ୍ଠିତ ବ୍ୟବସାୟୀ ସୁବାସ ରାଉତ ଅର୍ଜ୍ଜୁନଙ୍କ ପରିବାରକୁ ଭେଟି ଆଲୋଚନା କରି ୫୦ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ଆଗାମୀ ଦିନରେ ଯାହା ସମ୍ଭବ ସେ ସହାୟତା କରିବେ ବୋଲି ରାଉତ କହିଛନ୍ତି।

# ବିଶ୍ୱ ଫାଷ୍ଟଏଡ୍ ଦିବସ ପାଳିତ

ଦାମନଯୋଡ଼ି,୧୦ା୯(ଡି.ଏନ୍.ଏ.)

କୋରାପୁଟ ଜିଲା ଦାମନଯୋଡ଼ି ସରସ୍ୱତୀ ବିଦ୍ୟାମନ୍ଦିରରେ ଯୁବ ରେଡ୍‌କ୍ରସ୍(ୱାଇଆର୍‌ସି) ଓ କନିଷ୍ଠ ରେଡ୍‌କ୍ରସ୍ (ଜେଆର୍‌ସି) ମିଳିତ ସହଯୋଗରେ ବିଶ୍ୱ ଫାଷ୍ଟଏଡ୍ ଦିବସ ପାଳିତ ହୋଇଯାଇଛି। କୋରାପୁଟ ଜିଲା ୱାଇଆର୍‌ସି ସଂଯୋଜକ ଡା. ନରେଶ ଚନ୍ଦ୍ର ସାହୁ ତଥା ବିଦ୍ୟାମନ୍ଦିରର ୱାଇଆର୍‌ସି କାଉନସିଲର ଫାଷ୍ଟଏଡ୍ ଦିବସ ପାଳନର ଉଦ୍ଦେଶ୍ୟ, ଆକସ୍ମିକ ଦୁର୍ବିପାକ ସମୟରେ କିପରି ଆପତ୍‌କାଳୀନ ସେବା ଯୋଗାଇଦେଇ ନିଶ୍ଚିତ ମୃତ୍ୟୁ ମୁଖରୁ ବଞ୍ଚାଇ ହେବ ସେ ସମ୍ପର୍କରେ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଚନ୍ଦ୍ରଶେଖର ଦ୍ୱିବେଦୀ, ଡ. ବନ୍ଦିତା ନନ୍ଦ ଓ ପ୍ରତିମା ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଦୈନନ୍ଦିନ ଜୀବନରେ ଫାଷ୍ଟଏଡ୍ ଆବଶ୍ୟକତାର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ଜେଆର୍‌ସି ପରାମର୍ଶଦାତା ବସନ୍ତ ଦାସ ହାର୍ଟ ଆଟାକ୍ ଆସିଲେ ଜଣଙ୍କୁ କିପରି ବଞ୍ଚାଇହେବ ସେ ସମ୍ପର୍କରେ ପିଲାମାନଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମ ଶେଷରେ ବସନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୩ ଶ୍ରମିକ ତେଲଙ୍ଗାନାରୁ ଖାଲି ହାତାରେ ଫେରିଲେ

ମାଲକାନଗିରି, ୧୦ା୯(ଡି.ଏନ.ଏ.)- ମାଲକାନଗିରି ଜିଲାରେ କାମ ନ ମିଳିବାରୁ ଅନେକ ଯୁବକମାନେ କାମ ଅନ୍ୱେଷଣରେ ବାହାର ରାଜ୍ୟକୁ ଯିବାକୁ ବାଧ୍ୟ ହେଉଛନ୍ତି । ବାହାର ରାଜ୍ୟରେ କାମ କରିବା ଆଶାରେ ଯାଉଥିବା ଏହି ଯୁବକମାନେ ଅନେକ ଶୋଷଣର ଶିକାର ହେଉଥିବା ଅଭିଯୋଗ ହେଉଛି। ଜିଲାର କାଳିମେଳା ବ୍ଲକ ଭେଜାଙ୍ଗିୱାଡା ପଞ୍ଚାୟତର ବଦଲିଗୁଡା ଗ୍ରାମର ୧୩ ଜଣ ଶ୍ରମିକ ତେଲେଙ୍ଗାନାକୁ କାମ କରିବାକୁ ଯାଇ ସେଠାରେ ୩ ମାସ କାମ କରିଥିଲେ ମଧ୍ୟ ଠିକାଦାର ସେମାନଙ୍କୁ କୌଣସି ପାରିଶ୍ରମିକ ଦେଇନାହାନ୍ତି। ଫଳରେ ସମ୍ପୃକ୍ତ ଶ୍ରମିକମାନେ ଘରକୁ ଫେରି ଆସି ନ୍ୟାୟ ପାଇବା ପାଇଁ ଶନିବାର ମାଲକାନଗିରି ଜିଲା ଶ୍ରମ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଛନ୍ତି। ମାର୍ଚ୍ଚ ମାସରେ ବଦଲିଗୁଡା ଗ୍ରାମର ଜଗା ମାଡି, ଭୀମା ମାଡି, ଗଙ୍ଗା ସୋଡି, ଭୀମା ମାଢି, ଦେବା ମାଡକାମୀ, ଈଶ୍ୱର ପଡିଆମୀ, ସୁରେନ୍ଦ୍ର ସୁନା, ବିଜୟ ମାଡି, ନନ୍ଦା କବାସୀ, ଭୀମା ସୋଡି, କୃଷ୍ଣ ମାଡି, ରଞ୍ଜିତ ସୁନା ଏବଂ ଦେବା ମାଡି ତେଲେଙ୍ଗାନା ଯାଇ କେନାଲ କାମରେ ନିୟୋଜିତ ହୋଇଥିଲେ। କାଣ୍ଡେୟା ନାମକ ଠିକାଦାର ଏମାନଙ୍କୁ ମାସକୁ ଜଣଙ୍କ ପିଛା ୧୧ ହଜାର ଟଙ୍କା ଦେବାର ପ୍ରତିଶ୍ରୁତି ଦେଇ କାମକୁ ନେଇଥିଲେ। ମାର୍ଚ୍ଚ, ଏପ୍ରିଲ ଏବଂ ମଇ ତିନି ମାସ ୧୩ ଜଣ ଶ୍ରମିକ କାର୍ଯ୍ୟ କାମ ମଧ୍ୟ ସମ୍ପୃକ୍ତ ଠିକାଦାର ସେମାନଙ୍କୁ ପାରିଶ୍ରମିକ ନ ଦେଇ ଧମକ ଚମକ ଦେଇ କେବଳ ଗାଡି ଭଡା ଦେଇ ପଠାଇ ଦେଇଥିଲେ। ତେବେ ଏନେଇ ଶନିବାର ସେମାନେ ଜିଲା ଶ୍ରମ ଅଧିକାରୀ ବିଶ୍ୱ ରଞ୍ଜନ କହଁରଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ କରି ପଦକ୍ଷେପ ନେବେ ବୋଲି କହଁର କହିଛନ୍ତି।

**ଜିଲା ଶ୍ରମ କାର୍ଯ୍ୟାଳୟରେ କଲେ ଲିଖିତ ଅଭିଯୋଗ**

# ବାର୍ଷିକ ମରାମତି ନାଁରେ ୩ କୋଟି ଟଳୁ

ସୁନାବେଡ଼ା/ସେମିଳିଗୁଡ଼ା, ୧୦ା୯ (ସ୍ୱ.ପ୍ର.)

- ବୁଶ୍ କଟିଂ, କଲଭର୍ଟ ମରାମତି ଟଙ୍କା ହଡ଼ପ
- ନିଜକୁ ସୁହାଇଲା ଭଳି ଠିକାଦାରଙ୍କୁ ଅଧିକାରୀ କାମ ଦେଉଥିବା ଅଭିଯୋଗ
- ଏସ୍‌ଡିଓଙ୍କ ଡ୍ରାଇଭରଙ୍କ ନାଁରେ ୮ରୁ ଊର୍ଦ୍ଧ୍ୱ କାମର ଟେଣ୍ଡର ଥିବା ଆର୍‌ଟିଆଇରୁ ପ୍ରକାଶ

କୋରାପୁଟ ଜିଲା ପଟ୍ଟାଙ୍ଗୀ ସବ୍‌ଡିଭିଜନ ଅଧୀନ ବିଭିନ୍ନ ଅଞ୍ଚଳରେ ରହିଥିବା ଆର୍ ଆଣ୍ଡ ବି ବିଭାଗ କାମରେ କୋଟି କୋଟି ଟଙ୍କା ଆସିଥିବା ଆର୍‌ଟିଆଇ ତଥ୍ୟରୁ ଜଣାପଡ଼ିଛି। କିନ୍ତୁ ଉକ୍ତ କାମ କରା ନ ଯାଇ ବାଟମାରଣା ହେଉଥିବ ଅଭିଯୋଗ ହେଉଛି। ଶୁଙ୍କି ଅଞ୍ଚଳର ଅମ୍ବାବାଲିରୁ ମାଛକୁଣ୍ଡ ଓ ପାଡୁଆରୁ କୋଟିଆ ପର୍ଯ୍ୟନ୍ତ ଅନେକ ଅଞ୍ଚଳରେ ବିଭିନ୍ନ କାମ ଆଳରେ ଟଙ୍କା ବାଟମାରଣା ହୋଇଥିବା ଜଣାପଡ଼ିଛି।

ଉକ୍ତ ବିଭାଗ ଅଧୀନରେ ଆସୁଥିବା ରାସ୍ତା ପାର୍ଶ୍ୱରେ ବୁଶ୍ କଟିଂ ଏବଂ କଲଭର୍ଟଗୁଡ଼ିକର ମରାମତି ତଥା ସଫେଇ ଭଳି କାମ ଯାହାକି ୫ ଲକ୍ଷ ଟଙ୍କାରୁ କମ୍ ତାହା ଟେଣ୍ଡର ଭିତରେ କରାଯାଉନାହିଁ। ଶହେରୁ ଊର୍ଦ୍ଧ୍ୱ କାମ କରାଯାଇଥିବା ଦର୍ଶାଇ ୨୦୨୧-୨୨ ଆର୍ଥିକ ବର୍ଷରେ ପ୍ରାୟ ୩ କୋଟି ଟଙ୍କା ହଡ଼ପ ହୋଇଥିବା ଅଭିଯୋଗ ଆସିଛି। ବିନା ଟେଣ୍ଡରରେ କାମ ହେଉଥିବାରୁ ପ୍ରକୃତ ଠିକାଦାରଙ୍କ ପରିବର୍ତ୍ତେ ବିଭାଗୀୟ ଅଧିକାରୀଙ୍କୁ ସୁହାଇଲା ଭଳି କିଛି ହାତଗଣତି ଠିକାଦାରଙ୍କ ମାଧ୍ୟମରେ କାର୍ଯ୍ୟାଦେଶ ଦିଆଯାଉଥିବା ଅଭିଯୋଗ ଆସିଛି। ଏହି ପ୍ରକ୍ରିୟାରେ ରାସ୍ତା ଏବଂ ଗୃହ ନିର୍ମାଣ ବିଭାଗର ଏସ୍‌ଡିଓଙ୍କ ଡ୍ରାଇଭରଙ୍କ ନାଁରେ ମଧ୍ୟ ୮ରୁ ଊର୍ଦ୍ଧ୍ୱ କାମ ଦିଆଯାଇଥିବା ଯାହା ଆର୍‌ଟିଆଇ ତଥ୍ୟ କହୁଛି। ଏହା ବ୍ୟତୀତ ୨୦୨୧-୨୨ ଏଏମ୍‌ପିରେ ପ୍ରାୟ ଶହେରୁ ଊର୍ଦ୍ଧ୍ୱ କାମ ହୋଇଥିବାବେଳେ ଏଥିରେ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ହୋଇଛି। ବ୍ୟୟ ଅର୍ଥର ପ୍ରାୟ ୨୦ରୁ ୨୫ ପ୍ରତିଶତ ରାସ୍ତା ପାର୍ଶ୍ୱ ବୁଶ୍ କଟିଂରେ ଖର୍ଚ୍ଚ ହୋଇଥିବା ତଥ୍ୟ କହୁଛି। ହେଲେ ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁସାରେ ଏସବୁ ମିଛ। ସ୍ଥାନୀୟ ଅଞ୍ଚଳରେ ଟଙ୍କାଟିଏର କାମ ହୋଇ ନ ଥିବା ଅଞ୍ଚଳବାସୀ ଅଭିଯୋଗ ଆଣିଛନ୍ତି। କୋରାପୁଟ ଆର୍ ଆଣ୍ଡ ବି ଅଧୀନ ସେମିଳିଗୁଡ଼ା, କୋରାପୁଟ ଏବଂ ନନ୍ଦପୁର ବିଭାଗ ଦାୟିତ୍ୱରେ ଥିବା କେତେଜଣ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟକାଳ ୧୦ ବର୍ଷରୁ ଊର୍ଦ୍ଧ୍ୱ ବିତିଯାଇଛି। ତଥାପି ମଧ୍ୟ ସେମାନଙ୍କୁ ଅନ୍ୟତ୍ର ବଦଳି କରାଯାଉ ନ ଥିବାରୁ ଉପରିସ୍ଥ ଅଧିକାରୀଙ୍କ ଛତ୍ରଛାୟାରେ ରହି ବିଭିନ୍ନ ଦୁର୍ନୀତିମୂଳକ କାର୍ଯ୍ୟ କରୁଥିବା କେତେଜଣ ଅଞ୍ଚଳବାସୀ ନିଜ ନାଁ ଗୋପନ ରଖି କହିଛନ୍ତି। ଡ୍ରାଇଭରଙ୍କୁ କାର୍ଯ୍ୟାଦେଶ ମିଳିବା ସମ୍ପର୍କରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ସୁନାବେଡ଼ା କାର୍ଯ୍ୟାଳୟର ଏସ୍‌ଡିଓ କୃଷ୍ଣଚନ୍ଦ୍ର ସାହୁଙ୍କୁ ପଚାରିବାରୁ ସମ୍ପୃକ୍ତ ଡ୍ରାଇଭରଙ୍କ ଠିକାଦାର ଲାଇସେନ୍ସ ଥିବା ସେ କହିଛନ୍ତି। ବୁଶ୍ କଟିଂ ପ୍ରତିବର୍ଷ ହୁଏ ଓ ଗଛଗୁଡିକ ପୁଣି ବଢ଼ିଯାଏ ବୋଲି ସେ ପ୍ରକାଶ କରିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଏକ ଉଚ୍ଚସ୍ତରୀୟ ତଦନ୍ତ କରିବାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

